## ସଂକ୍ଷେପରେ

### ପାରିବାରିକ କଳହରୁ ଦମ୍ପତିଙ୍କ ଆତ୍ମହତ୍ୟା
# କେନାଲରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

ଢେଙ୍କାନାଳ,୧୯।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ପଞ୍ଚୁପଟି ଗ୍ରାମର ଦୁଃଶାସନ ସାହୁଙ୍କ ସ୍ତ୍ରୀ ପଦ୍ମାବତୀ ସାହୁ (୬୩) ବୁଧବାରଠାରୁ ନିଖୋଜ ଥିବାବେଳେ ଗୁରୁବାର ତାଙ୍କ ମୃତଦେହ କେନାଲରୁ ମିଳିଛି। ବୁଧବାର ଦୁଃଶାସନଙ୍କ ମୃତଦେହ କେନାଲରୁ ପୋଲିସ ଜବତ କରିଥିବାରୁ ପାରିବାରିକ କଳହରୁ ଦମ୍ପତି କେନାଲକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସକାଳେ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ପଦ୍ମାବତୀଙ୍କ ମୃତଦେହକୁ କେନାଲରୁ ବାହାର କରିବା ପରେ ପୋଲିସ ତାହାକୁ ଜବତ କରିଥିଲା। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ଦମ୍ପତିଙ୍କ ମଧ୍ୟରେ ଝଗଡା ହେବାରୁ ବୁଧବାର ଦୁହେଁ କେନାଲକୁ ଡେଇଁ ପଡିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଢେଙ୍କାନାଳ-ଅନୁଗୋଳର ବିକାଶ ପାଇଁ ୫୪୨ କୋଟି

■ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ଯୋଜନା
■୧୯ ହଜାର ୨୪୨ ହେକ୍ଟର ଜମି ହେବ ଜଳସେଚିତ

ଢେଙ୍କାନାଳ,୧୯।୧୦(ରତନ ନାୟାର)

ରାଜ୍ୟ ସରକାରଙ୍କ ପକ୍ଷରୁ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯିବ। ଗୁରୁବାର ଭୁବନେଶ୍ୱରଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଅନୁମୋଦନ କରିବା ପରେ ସରକାରଙ୍କ ପକ୍ଷରୁ ଏହା ଘୋଷଣା କରାଯାଇଛି। ଏ ସମ୍ପର୍କରେ ଗୁରୁବାର ସନ୍ଧ୍ୟାରେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ତାଙ୍କ ଆବାସିକ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ବିଧାୟକ ସୁଧୀର କୁମାର ସାମଲ ସୂଚନା ଦେଉଛନ୍ତି।

ବିଧାୟକ କହିଛନ୍ତି, ଢେଙ୍କାନାଳ ଜିଲାରେ ପାର୍ବତୀଗିରି ବୃହତ ଉଠା ଜଳସେଚନ ଯୋଜନାରେ ବିଭିନ୍ନ ପ୍ରକଳ୍ପ ପାଇଁ ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଜିଲାର ୪ଟି ବ୍ଲକର ୬୧ ଗ୍ରାମରେ ଥିବା ୧୦,୪୮୬ ହେକ୍ଟର ଜମିକୁ ଜଳସେଚିତ କରାଯିବ। ରେଙ୍ଗାଳି ରାଇଟ କେନାଲରୁ ଏସବୁ ଜମକୁ ପାଣି ମାଡିବ। ଏଥିରେ ପରଜଙ୍ଗ ବ୍ଲକର ୨୫ ଗ୍ରାମର ୫୨୦୦ ହେକ୍ଟର, ଭୁବନ ବ୍ଲକର ୯ଟି ଗ୍ରାମର ୧୫୬୫ ହେକ୍ଟର, ଗଁଦିଆ ବ୍ଲକର ୯ ଗ୍ରାମର ୭୨୧ ହେକ୍ଟର ଓ ଢେଙ୍କାନାଳ ସଦର ବ୍ଲକର ୧୮ ଗ୍ରାମର ୩୦୦୦ ହେକ୍ଟର ଜମି ରହିଛି। ଏହାଦ୍ୱାରା ଚାଷୀମାନଙ୍କ ଆର୍ଥିକ ଉନ୍ନତି ହେବା ସହିତ ସାମାଜିକ ସ୍ତରରେ ମଧ ଉନ୍ନତି ହୋଇପାରିବ ବୋଲି ବିଧାୟକ କହିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିଲାବାସୀଙ୍କ ପକ୍ଷରୁ ବିଧାୟକ କୃତଜ୍ଞତା ଜଣାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନରୋତ୍ତମ ସାହୁ, ବିଜେଡି ନେତା ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଉପଖଣ୍ଡ ମେଡିକାଲରେ ଫଳ ବଣ୍ଟନ

କାମାକ୍ଷାନଗର,୧୯।୧୦(ଅମଜାଦ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଯୁବଶକ୍ତି ସମର୍ପିତ ଓଡିଶା ପକ୍ଷରୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବଶକ୍ତି ଅଧକ୍ଷ ତଥା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ହିମାଂଶୁ ଭୂଷଣ ବାରିକ ଯୋଗଦେଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଓ ଜନକଲ୍ୟାଣ ଯୋଜନା ଦ୍ୱାରା ସମସ୍ତ ଜନସାଧାରଣ ଉପକୃତ ହେଉଛନ୍ତି। କାମାକ୍ଷାନଗର ଉପଖଣ୍ଡ ମେଡିକାଲ ଉପରେ କାମାକ୍ଷାନଗର, ପରଜଙ୍ଗ, କଙ୍କଡାହାଡ଼, ଭୁବନ ବ୍ଲକର ସମସ୍ତ ଜନସାଧାରଣ ନିର୍ଭର କରିଥାନ୍ତି। କାମାକ୍ଷାନଗର ମେଡିକାଲରେ ରକ୍ତଭଣ୍ଡାର ଥିଲେ ମଧ ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ହୋଇ ରହିଛି। ତେଣୁ କାମାକ୍ଷାନଗର ଉପଜିଲାପାଳ ଏବଂ ଢେଙ୍କାନାଳ ଜିଲାପାଳ କାମାକ୍ଷାନଗର ରକ୍ତଭଣ୍ଡାର ପୁନରଦ୍ଧାର କରିବା ପାଇଁ ବାରିକ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ନାୟକ, ପଦ୍ମନାଭ ଦାସ ଏବଂ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।


ଜଣେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

# କ୍ରୀଡ଼ାକୁ ବଞ୍ଚିବାର ମାଧ୍ୟମ ଭାବେ ଗ୍ରହଣ କର


ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିଙ୍କ ସମେତ ଅନ୍ୟମାନେ।

ସାତମାଇଲ,୧୯।୧୦
(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବାସହ କ୍ରୀଡ଼ାକୁ ବଞ୍ଚିବାର ମାଧ୍ୟମ ଭାବେ ଗ୍ରହଣ କରିବାର ସମୟ ଆସିଛି ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଲ୍ୟୁଟନାଣ୍ଟ ଅକ୍ଷୟ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ନିର୍ମଳ କୁମାର ପୃଷ୍ଟି, ପ୍ରଣବ କୁମାର ହୋତା, ମନୋଜ ରାଉତ ପ୍ରମୁଖ ମାର୍ଚ୍ଚପାଷ୍ଟ ପରିଚାଳନା କରିଥିଲେ। କ୍ରୀଡ଼ା ଉପସଭାପତି ଅଧ୍ୟାପକ ତ୍ରିଲୋଚନ ସାହୁ, ଡ. ଦୀନନାଥ ଦାସ, ବ୍ରହ୍ମାନନ୍ଦ ରାଉଳ କ୍ରୀଡ଼ା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଜନ୍ମେଶ୍ୱର ସାହୁ, ସୌମ୍ୟରଞ୍ଜନ ବରାଳ, ନିବାରଣ ମହାରଣା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ।

# ଜବରଦଖଲ ଚିହ୍ନଟ ସହ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

### ଦେବୋତ୍ତର ବିଭାଗର ସମୀକ୍ଷା

ଢେଙ୍କାନାଳ,୧୯।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟସ୍ଥିତ ଜିଲାପାଳଙ୍କ ପ୍ରକୋଷ୍ଠରେ ଗୁରୁବାର ଦେବୋତ୍ତର ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦେବୋତ୍ତର ବିଭାଗ ଜମିଜମାର ସୁରକ୍ଷା ପାଇଁ ଏକ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଜିଲାପାଳ କମିଟିର ଅଧ୍ୟକ୍ଷ ରହିବେ। ଅତିରିକ୍ତ ଜିଲାପାଳ(ରାଜସ୍ୱ), ଢେଙ୍କାନାଳ ଉପଜିଲାପାଳ, ଦେବୋତ୍ତର ଅଧିକାରୀ ଓ ଗଁଦିଆ ତହସିଲଦାର ସଦସ୍ୟ ରହିବେ। ପ୍ରତି ୧୫ ଦିନରେ ଥରେ କମିଟିର ସମୀକ୍ଷା ବୈଠକ


ଦେବୋତ୍ତର ବିଭାଗର ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଷ୍ଠିତ ହେବ। କମିଟି ଜବରଦଖଲ ଜମି ଚିହ୍ନଟ କରି ଏହା କିସମ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଦେବୋତ୍ତର ବିଭାଗର ନିଲାମ ହୋଇ ନ ଥିବା ଉତ୍ସଗୁଡିକ ସ୍ଥିରୀକୃତ କରିବା ପାଇଁ ପୂର୍ବବର୍ଷର ନିଲାମଧାରୀଙ୍କ ସହ ବୈଠକ ନିମନ୍ତେ ନିଷ୍ପତ୍ତି ହୋଇଛି। ଜିଲାସ୍ତର ପରି ତହସିଲମାନଙ୍କରେ କମିଟି ଗଠନ କରାଯିବ। ସମଗ୍ର ଜିଲାରେ ନୀତିକାନ୍ତି ପରିଚାଳନା ଦାୟିତ୍ୱ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ଦେବୋତ୍ତର ଅଧିକାରୀ ହରିହର ପଞ୍ଝୁଆତି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନଭେମ୍ବର ୨୨ରେ ମହିମା ତପୋବନ ମେଳା

ଢେଙ୍କାନାଳ,୧୯।୧୦(ରତନ ନାୟାର)

ଢେଙ୍କାନାଳ-କପିଳାସ ରାସ୍ତାର ମହିମା ଧର୍ମର ସାଧନା ପୀଠ ତପୋବନଠାରେ ଆସନ୍ତା ନଭେମ୍ବର ୨୨ରେ ବାର୍ଷିକ ମହିମା ମେଳା ଅନୁଷ୍ଠିତ ହେବ। ମେଳାର କାର୍ଯ୍ୟକାରିତା ପାଇଁ ତପୋବନ ପୀଠର ପ୍ରତିଷ୍ଠାତା ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ଭକ୍ତମଣ୍ଡଳୀଙ୍କ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କାଦୁଆ, ଆମ୍ବନାଳୀ, ନାଗିଆପଶି, ବିରାଡିଆ, ରମ୍ଭା, କିଆଝର, ଡାହିମାଳ, ଛଣବୋଲୁଅ, ହରେକୃଷ୍ଣପୁର, ଆଛନ୍ଦ, ବେଲଟିକିରି, ଜର୍ଝରା, କାଇମାଟି, ଅସନପାଟିଆ, ଲୋଚାପଲି, କୁକୁଡାଝର, ନେଉଳପୋଇ, ଛାଟିଆ, ଦେଓଝର, ବନ୍ଧ ନୂଆଗାଁ, ଦୁର୍ଗାପ୍ରସାଦ, ଚନ୍ଦ୍ରଶେଖରପୁର ଓ ଦାମୋଦରନାଳୀ ଆଦି ଗ୍ରାମରୁ ପ୍ରତିନିଧି ମଣ୍ଡଳୀ ଯୋଗ ଦେଇଥିଲେ। ମେଳା


ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରତିଷ୍ଠାତାଙ୍କ ସହ ସଦସ୍ୟମଣ୍ଡଳୀ।

ପୂର୍ବରୁ ପୀଠ ପାଇଁ ମଞ୍ଜୁର ସରକାରୀ ଅନୁଦାନରେ ପାହାଚ ଉନ୍ନତୀକରଣ, ଷ୍ଟିଲ୍ ରେଲିଂ ଲଗାଇବା, ରାସ୍ତାର ସୁଦୃଢୀକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ହାତକୁ ନେବାକୁ ଭକ୍ତମଣ୍ଡଳୀ ବୈଠକରେ ଅନୁରୋଧ କରିଥିଲେ। ଏଥିସହ ମେଳା ସମୟରେ ପର୍ଯ୍ୟାପ୍ତ ଆଲୋକୀକରଣ ଓ ପୀଠ ଉପରକୁ ଯାତାୟାତ ପାଇଁ ଶିଶୁ, ମହିଳା ଓ ବୟସ୍କଙ୍କ ନିମନ୍ତେ ୨ଟି ସାଧାରଣ ପରିବହନ ଗାଡି ବ୍ୟବସ୍ଥା ପାଇଁ ମଧ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, କରୁଣାକର ବାବା, ନିରାକାର ବାବା, ଜ୍ଞାନୀ ବାବା, ବିନୋଦ ବାବା, ରବି ବାବା, ମନ୍ତ୍ରୀ ବାବା, ନିବାରଣ ବାବା, ସନକ ବାବା ଓ ତ୍ୟାଗୀ କାହ୍ନୁ ଦାସଙ୍କ ସମେତ ବିଭୂତି ଭୂଷଣ ବିଶ୍ୱାଳ, ନାଗିଆପଶି ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ବେହେରା, ଧର୍ମାନନ୍ଦ ପୃଷ୍ଟି, ଶତ୍ରୁଘ୍ନ ସାହୁ, ହରିହର ସାହୁ, ପ୍ରେମାନନ୍ଦ ସେଠ୍, ପ୍ରଣବ କୁମାର ଜେନା, ଭରତ ସାହୁ, ବିରଞ୍ଚି ଦେହୁରୀ, ବିଦ୍ୟାଧର ଦେହୁରୀ, ଚତୁର୍ଭୁଜ ପୁହାଣ, ଧରଣୀ ବେହେରା, ବିଶ୍ୱାମିତ୍ର ମେହେର, ଭାରତୀ ମେହେର, ଚନ୍ଦ୍ରମଣି ସ୍ୱାଇଁ, ଜନାର୍ଦ୍ଦନ ସାହୁ, ବସନ୍ତ କୁମାର ସାହୁ, ଦୀପକ ସାହୁ ଓ ବାସୁଦେବ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ତପୋବନ ବାର୍ଷିକ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ପାଇଁ ୧୫ ଜଣିଆ ଦଳ ଚୟନ

ଭୁବନ,୧୯।୧୦
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜିରାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଗୁରୁବାର ବ୍ଲକସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ, ଜିରାଳ, ମହୁଲପାଳ ଓ ଅନଳ ଜୋନ୍‌ର ୬୦ ଜଣ ଖେଳାଳି ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଭୁବନ ଓ ଜିରାଳ ଜୋନ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ୨ୟ ମ୍ୟାଚ ମହୁଲପାଳ ଓ ଅନଳ ଜୋନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶାରୀରିକ ଶିକ୍ଷକ ବିପିନ ବିହାରୀ ସାହୁ, ପ୍ରିୟବ୍ରତ ସାହୁ ପରିଚାଳନା କରିଥିଲେ। ଶାରୀରିକ ଶିକ୍ଷକ ସାଗର ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିରାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ଖେଳାଳିମାନଙ୍କ ମଧ୍ୟରୁ ଜୟଦେବ ସେଠୀ, କ୍ରିଷ୍ଣା ରାଣା, ସ୍ମୃତିଧର ସାମଲ, ରିତେଶ ଜେନା, ତେଜସୀ ନାୟକ, କ୍ରିଷ୍ଣା ବେହେରା, ସାଇସୁନ୍ଦର ବେହେରା, ମନୀଷ ଦାସ, ସୌମ୍ୟରଞ୍ଜନ ଦାସ, ସୌମ୍ୟଶୁଭଙ୍କର ମିଶ୍ର, ରାକେଶ ସ୍ୱାଇଁ, ରାଜେଶ ଜେନା, ଚନ୍ଦନ ସାହୁ, ଅଭିଳାଷ ଖିଲାର ଓ ସୌମ୍ୟପ୍ରଭାସ ସାହୁ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ। ଭୁବନ ବ୍ଲକର ଶାରୀରିକ ଶିକ୍ଷକ ପତିତପାବନ ସାମଲ, ସୁବ୍ରତ ପଣ୍ଡା, ବାଇଧର ପରିଡ଼ା, ସୁବାସ ସାହୁ, ଧରିତ୍ରୀ ସାହୁ ସହଯୋଗ କରିଥିଲେ।


ମନୋନୀତ ହୋଇଥିବା ଖେଳାଳିମାନଙ୍କ ସହିତ ଶାରୀରିକ ଶିକ୍ଷକମାନେ।

# ଉନ୍ନତ କିସମ ନଡ଼ିଆ ଚାରା ବିତରଣ

ଢେଙ୍କାନାଳ,୧୯।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ ପଞ୍ଚାୟତର ନୀଳକଣ୍ଠପୁର ଜମ୍ବୁ ଗ୍ରାମରେ ନିୟୁ ଓରିଶା ସାମାଜିକ ସଙ୍ଗଠନ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଉନ୍ନତ କିସମର ନଡ଼ିଆ ଚାରା ବିତରଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳାମାନେ କୃଷି କ୍ଷେତ୍ରକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦିବ୍ୟ ସୁନ୍ଦର କର, ନଡ଼ିଆ ଗଛ ଲଗାଇବାର କୌଶଳ, ମୃତ୍ତିକା ପରୀକ୍ଷା, ରୋଗପୋକ ନିରାକରଣ ଓ ନଡ଼ିଆ ଚାରା ନର୍ସରି ପ୍ରସ୍ତୁତି ସମ୍ପର୍କରେ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ସୁଦୀପ୍ତ ରଞ୍ଜନ ବିଶ୍ୱାଳ ଆଦିବାସୀ ବହୁଳ ଅଞ୍ଚଳରେ ଗରିବ ଚାଷୀମାନଙ୍କ ସ୍ୱଳ୍ପ ସମ୍ବଳକୁ ବିନିଯୋଗ କରି ନଡ଼ିଆ ଚାଷ କରି ଆର୍ଥିକ ମାନଦଣ୍ଡ ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସନ୍ତୋଷ କୁମାର ମିଶ୍ର, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ ଦିନେଶ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଚାଷୀମାନଙ୍କୁ ନଡ଼ିଆ ଚାରା ବଂଟନ କରିଥିଲେ। ଗଁଦିଆଁ ଚାଷୀ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ବିଜୟ ଲକ୍ଷ୍ମୀ ମହାପାତ୍ର ଓ ଗଦାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଉନ୍ନତ କିସମର ନଡ଼ିଆ ଚାରା ବିତରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଆକର୍ଷଣୀୟ ହେବ ଯାଉଁଳି ପୋଖରୀ ମଠ

ଢେଙ୍କାନାଳ,୧୯।୧୦(ରତନ ନାୟାର)

ଢେଙ୍କାନାଳର ବହୁ ପ୍ରାଚୀନ ଶ୍ରୀ ରଘୁନାଥ ଜୀଉ ବିଜେ ଯାଉଁଳି ପୋଖରୀ ମଠର ରୂପାନ୍ତରକରଣ ଓ ବିକାଶ ନିମନ୍ତେ ଏକ ବୈଠକ ଗୁରୁବାର ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଠର ରୂପାନ୍ତରକରଣ ନିମନ୍ତେ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମଠର ରୋଷେଇ ଘର, ଶ୍ରୀଜୀଉଙ୍କ ମନ୍ଦିର ଛାତର ଆବଶ୍ୟକ ମରାମତି, ଆଲୋକୀକରଣ, ମୁଖ୍ୟ ତୋରଣ, ପାଚେରି ନିର୍ମାଣ ଏବଂ ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟ କରାଯାଇ ମଠକୁ ଅଧିକ ଆକର୍ଷଣୀୟ କରାଯିବ।

ମଠ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଆର୍ଯ୍ୟକବି ପଣ୍ଡିତ ଡ. ପ୍ରମୋଦ କୁମାର ମିଶ୍ର, ଯୁବରାଜ ଅମରଜ୍ୟୋତି ସିଂହଦେଓ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଦେବୋତ୍ତର ନିର୍ବାହୀ ଅଧିକାରୀ ହରିହର ପଞ୍ଝୁଆତି, ସ୍ଥାନୀୟ କାଉନସିଲରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଉନ୍ନତିମୂଳକ କାର୍ଯ୍ୟକ୍ରମରେ ଯେପରି କୌଣସି ପ୍ରକାର ଆର୍ଥିକ ଅନିୟମିତତା କିମ୍ବା ଅବହେଳା ନ ହୁଏ ଏବଂ ଗୁଣାତ୍ମକ କାର୍ଯ୍ୟ କରାଯାଏ, ସେଥିପ୍ରତି ଦାୟିତ୍ୱରେ ଥିବା ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ମଠର ରୂପାନ୍ତରକରଣ କରାଯାଇପାରିଲେ ଗୌରବ ବୃଦ୍ଧି ହେବ ବୋଲି ମଠ ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ସରକାରଙ୍କୁ କୃତଜ୍ଞତା ମଧ ଜଣାଇଥିଲେ।


ଯାଉଁଳି ପୋଖରୀ ମଠର ରୂପାନ୍ତରକରଣ ନିମନ୍ତେ ଅନୁଷ୍ଠିତ ବୈଠକରେ ଅଧିକାରୀମାନେ।

## କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହର ରାଧାକୃଷ୍ଣ ବଜାର ଅଞ୍ଚଳର ରତ୍ନାକର ପାଢ଼ିଙ୍କଠାରୁ ଗୁରୁବାର ସନ୍ଧ୍ୟାରେ ଲୁଟ୍ ହୋଇଛି। କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇବା ସହ ୨ ହାତକୁ ହାଣି ସେ ଧରିଥିବା ବ୍ୟାଗ ଓ ଦେଢ଼ ହଜାର ଟଙ୍କା ଲୁଟି ନେଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରତ୍ନାକର ଏକ ଘରୋଇ କମ୍ପାନୀର କର୍ମଚାରୀ ବୋଲି ଜଣାପଡିଛି। ସେ କମ୍ପାନୀରୁ ବସ୍‌ରେ ଫେରିବା ପରେ କୋରିଆ ବାଇପାସ ଛକଠାରେ ଓହ୍ଲାଇ ଚାଲି ଚାଲି ଘରକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସଂକ୍ଷେପରେ

## ମୃତକଙ୍କ ପରିବାରକୁ ଭେଟିଲେ ଭାଜପା ନେତା

ସାତମାଇଲ,୧୯।୧୦
(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ରଞ୍ଜିତ୍ ରାଉତଙ୍କ ପରିବାର ଲୋକଙ୍କୁ ଗୁରୁବାର ଭାଜପାର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଭେଟି ଆଲୋଚନା କରିଛନ୍ତି। ଏଥିସହ ମୃତକଙ୍କ ପରିବାର ଲୋକଙ୍କୁ କିପରି ଖୁବ୍‌ଶୀଘ୍ର ସରକାରୀ ସହାୟତା ମିଳିପାରିବ ସେ ନେଇ ଢେଙ୍କାନାଳ ରେଞ୍ଜର ଓ ଫରେଷ୍ଟରଙ୍କ ସହ ପାଣି ଆଲୋଚନା କରିଥିବା କହିଛନ୍ତି। ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ରାଶିକୁ ବଢାଇ ୨୦ ହଜାର ଟଙ୍କା କରାଯାଉ ବୋଲି ସେ ଦାବି କରିଥିଲେ। ଖୁବ୍‌ଶୀଘ୍ର ରଞ୍ଜିତଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଭାଜପା ନେତା ରୁଦ୍ରନାରାୟଣ ପାଣି ଦାବି କରିଛନ୍ତି। ମୃତକଙ୍କ ପରିବାରକୁ ଭେଟିଲା ବେଳେ ମଙ୍ଗଳପୁର ପଞ୍ଚାୟତର ସମିତି ସଭ୍ୟ ଅନିତା ପଟ୍ଟନାୟକ, ଦେବାନନ୍ଦ ବେହେରା, ସୁଜିତ୍ ବେହେରା, ଧ୍ରୁବଚରଣ ରାଉତ, ସୁବ୍ରତ ରାଉତଙ୍କ ସମେତ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମହାକାଶ ବିଜ୍ଞାନ ଜାଣିଲେ ୫୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର


ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ(ୟାଟସ୍) ପ୍ରତିଯୋଗିତାର ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ।

ଢେଙ୍କାନାଳ,୧୯।୧୦
(ରତନ ନାୟାର)

### ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ

ମହାକାଶ ବିଜ୍ଞାନ କ୍ଷେତ୍ରରେ ଓଡ଼ିଶାର ପ୍ରତିଭାବାନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିବା ଲାଗି ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ବିଦ୍ୟାଳୟରେ ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ(ୟାଟସ୍) ପ୍ରତିଯୋଗିତାର ୧୭ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ମହାକାଶ ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଓ ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଏହା କିମ୍ବଦନ୍ତୀ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ପରମ୍ପରାକୁ ଜାଣିବାରେ ଛାତ୍ରୀଛାତ୍ରମାନଙ୍କ ଲାଗି ସହାୟକ ହେବ। ପଠାଣି ସାମନ୍ତ ପ୍ଲାନେଟୋରିୟମ ଭୁବନେଶ୍ୱର ସହଯୋଗରେ ଟାଟାଷ୍ଟିଲ ପକ୍ଷରୁ ଏହା ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାରେ ସ୍ପଟ୍ କୁଇଜ୍, ବିବିଧ ପସନ୍ଦର ପ୍ରଶ୍ନ ଆଦି ସାମିଲ କରାଯାଇ ଟାଟାଷ୍ଟିଲ ମେରାମଣ୍ଡଳୀ କାରଖାନା ଆଖପାଖରେ ଥିବା ବିଦ୍ୟାଳୟ ଓ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ ଥିବା ବିଭିନ୍ନ ବିଦ୍ୟାଳୟରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଗୋଷ୍ଠୀ ପ୍ରତିନିଧି ଓ ଟାଟାଷ୍ଟିଲ ମେରାମଣ୍ଡଳୀର ଅଧିକାରୀମାନେ ଉପସ୍ଥିତ ଥିଲେ।

ଢେଙ୍କାନାଳ ଜିଲାର ଖଡଗପ୍ରସାଦ ସରକାରୀ ହାଇସ୍କୁଲ, କୁସୁପଙ୍ଗା ସହକାରୀ ହାଇସ୍କୁଲ, ଓଡ଼ାପଡ଼ା ସରକାରୀ ହାଇସ୍କୁଲ, ପଞ୍ଚାୟତ ସରକାରୀ ହାଇସ୍କୁଲ, ମା’ ଲଙ୍ଗବାଉତି ହାଇସ୍କୁଲ ଶିବପୁର, ଗୋପବନ୍ଧୁ ହାଇସ୍କୁଲ ଖଲିବେରେଣା, ପାରିକୁଳ ହାଇସ୍କୁଲ ପାଇକ ପୁରୁଣାକୋଟ, ସୁଧାକର ସାମନ୍ତ ସିଂହାର ହାଇସ୍କୁଲ କୁରୁଣ୍ଟି, ବ୍ରାହ୍ମଣୀ ପବ୍ଲିକ ହାଇସ୍କୁଲ ଖଡଗପ୍ରସାଦ, ସରକାରୀ ଉନ୍ନିତ ହାଇସ୍କୁଲ ନୂଆହତା ଓ ମଙ୍ଗଳପୁର ସହକାରୀ ହାଇସ୍କୁଲ ଆଦି ୧୧ଟି ସ୍କୁଲର ୨୨୦୦ରୁ ଅଧିକ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ସେହିପରି ଅନୁଗୋଳ ଜିଲାର ଅନୁଗୋଳ ଟାଉନ, ତାଳଚେର, ବଣ୍ଟଁରପାଳ, ନାଲ୍‌କୋ ଟାଉନ ଆଦିର ୧୫ଟି ହାଇସ୍କୁଲର ୩୨୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାର ଫାଇନାଲିଷ୍ଟମାନେ ଡିସେମ୍ବର ୨୩ ପଠାମୀ ସାମନ୍ତ ପ୍ଲାନେଟୋରିୟମ, ଭୁବନେଶ୍ୱରରେ ହେବାକୁ ଥିବା ପ୍ରତିଯୋଗିତା ପର୍ଯ୍ୟାୟରେ ଭାଗନେବେ। ଓଡ଼ିଶାର ପ୍ରତିଟି ଜିଲାର ଶ୍ରେଷ୍ଠ ଅଂଶଗ୍ରହଣକାରୀମାନଙ୍କୁ ଚୟନ କରାଯିବ ଏବଂ ଭୁବନେଶ୍ୱରରେ ହେବାକୁ ଥିବା ଗ୍ରାଣ୍ଡ ଫାଇନାଲରେ ୨୦ ଜଣ ବିଜେତାଙ୍କୁ ପୁରସ୍କୃତ କରାଯିବ। ସେମାନେ ଇସ୍ରୋର କୌଣସି ଏକ କେନ୍ଦ୍ରକୁ ପରିଦର୍ଶନ କରିବାକୁ ସୁଯୋଗ ପାଇବେ ବୋଲି ସୂଚନା ଦିଆଯାଇଛି।

## ମହିଳାଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱ

ତାଳଚେର,୧୯।୧୦ (ମନୋଜ ନନ୍ଦ)

ନାବାର୍ଡ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନ ତାଳଚେର ସହଯୋଗରେ ତାଳଚେର ବଲ୍ଲହରଛକ ସ୍ଥିତ ମମତା ଉଦ୍ୟୋଗକୁ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ପରିଦର୍ଶନ କରିଥିଲେ। ଲିଡ ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବ୍ୟାଙ୍କ ଅଧିକାରୀ, ନାବାର୍ଡ ଅଧିକାରୀ ପ୍ରମୁଖ ପରିଦର୍ଶନ କରିବା ସହିତ ମାଣ୍ଡିଆ ଜାତୀୟ ଖାଦ୍ୟ ଉତ୍ପାଦ, ପଣସ, ଛତୁଆ, ବେସନ, କନ୍ଧମାଳ ହଳଦୀ, ତେନ୍ତୁଳି, କାନ୍ଦୁଲ ଡାଲି, କଳା ଚାଉଳ, ଫୁଲଝାଡୁ, ମସଲା ଜାତୀୟ ଖାଦ୍ୟଦ୍ରବ୍ୟ ଦେଖିବା ସହିତ ଖାଦ୍ୟର ଗୁଣବତ୍ତା, ବ୍ୟବସାୟ ଭିତ୍ତିକ ଯୋଜନା, ପ୍ୟାକିଂ ଆଦି ବୁଲି ଦେଖିଥିଲେ। ଗ୍ରାମୀଣ ବଜାରକୁ କିପରି ସୁଦୃଢ଼ କରିବା ସହ ମହିଳାମାନଙ୍କ ଆର୍ଥିକ ବିକାଶ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେବାକୁ ମମତା ଉଦ୍ୟୋଗର ପ୍ରୋପ୍ରାଇଟର ମମତାରାଣୀ ବିଶିମାଝିଙ୍କୁ କହିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ଅଧିକାରୀ ମହାଦେବ ଦାସ ଅତିଥି ପରିଚୟ ପ୍ରଦାନ ଥିଲେ। ଉକ୍ତ ଗସ୍ତ ସମୟରେ ଉଦ୍ୟୋଗ, ଗୋଷ୍ଠୀ ସଦସ୍ୟା, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ପଦ୍ମାଳୟା ବିଶିମାଝି, ସୁଦର୍ଶନ ବଳ ପ୍ରମୁଖ ଯୋଗଦାନ କରିଥିଲେ।



ମମତା ଉଦ୍ୟୋଗ ପରିଦର୍ଶନରେ ଆସିଥିବା ଅଧିକାରୀମାନେ।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

ଅନୁଗୋଳ,୧୯।୧୦
(ଅମିତ କୁମାର ସାମଲ)

ଢେଙ୍କାନାଳ ଜିଲା କଣ୍ଟାବଣିଆଁ ଥାନା ଅନ୍ତର୍ଗତ ସରପା ଗ୍ରାମର ଛବି ଗୋଛାୟତ (୬୦)ଙ୍କ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ତାଙ୍କୁ ସାପ କାମୁଡ଼ିଥିବା ସନ୍ଦେହ କରାଯାଉଛି। ବୁଧବାର ରାତିରେ ଘର ପଛ ପାଖକୁ ସେ ଶୌଚ ହେବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ଘର ଲୋକେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।


ଢେଙ୍କାନାଳ ଜିଲା କାମାକ୍ଷାନଗର ସହରର ଗଣପର୍ବ ଭାବେ ପରିଚିତ ମା’ ଦୁର୍ଗାଙ୍କ ପୂଜା ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବାରୁ ଚଳଚଞ୍ଚଳ ହୋଇପଡ଼ିଛି ସହର ବଜାର। ଗୁରୁବାର ରାତିରୁ ସୁସଜ୍ଜିତ ଆଲୋକମାଳାରେ ସହର ସଜେଇ ହୋଇଯାଇଛି। (ଫଟୋ- ଅମଜାଦ୍ ଖାନ)

## ଶୃଙ୍ଖଳିତ ପୂଜା ନେଇ ଅନୁଗୋଳରେ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ପୋଲିସ ଅଧିକାରୀମାନଙ୍କ ସହ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା।

ଅନୁଗୋଳ,୧୯।୧୦
(ଅମିତ କୁମାର ସାମଲ)

ଅନୁଗୋଳ ସହରରେ ହେବାକୁ ଥିବା ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜାକୁ ଶୃଙ୍ଖଳିତ କରିବା ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ଓ ପୂଜା କମିଟି କର୍ମକର୍ତ୍ତାମାନଙ୍କୁ ନେଇ ଏହି ବୈଠକ ବସିଥିଲା। ଏଥିରେ ଏସ୍‌ପି ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ସୁରେନ୍ଦ୍ରନାଥ ରାୟଗୁରୁ, ଡିଏସ୍‌ପି ଅକ୍ଷୟ କୁମାର ପଣ୍ଡା, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକ, ଅନୁଗୋଳ ଥାନା ଅଧିକାରୀ ଧୀରେନ ଦାସଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଚଳିତବର୍ଷ କେନ୍ଦ୍ରୀୟ ପୂଜା କମିଟି ନ ଥିବାରୁ ପୋଲିସ ଓ ଜିଲା ପ୍ରଶାସନର ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହେବ। ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ମା’ ଦୁର୍ଗତିନାଶିନୀଙ୍କ ପୂଜା ସହରର ୧୧ ମଣ୍ଡପରେ କରାଯିବ। ୨୫ ତାରିଖ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଚଳିତବର୍ଷ ସହରର ୩୪ଟି ମଣ୍ଡପରେ ଗଜଲକ୍ଷ୍ମୀ ପୂଜା କରାଯିବ। ଏହା ଆସନ୍ତା ୨୮ ରୁ ଆରମ୍ଭ ହୋଇ ୮ ତାରିଖ ଭସାଣି ଯାଏ ଚାଲିବ। ଶୃଙ୍ଖଳିତ ଆୟୋଜନ ପାଇଁ ପ୍ରତି କମିଟିରୁ ୧୦ରୁ ୧୫ ଜଣ ଲେଖାଏ ସ୍ୱେଚ୍ଛାସେବୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଶୁକ୍ରବାର ଠାରୁ ସହର ଭିତରକୁ ଭାରିଯାନ ନୋ ଏଣ୍ଟ୍ରି ଘୋଷଣା କରାଯିବ। ଅପରାହ୍ଣ ୫ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସହର ମଧ୍ୟକୁ କୌଣସି ଭାରିଯାନ ଆସିବ ନାହିଁ। କେନ୍ଦ୍ରୀୟ ପୂଜା କମିଟି ଭାଙ୍ଗି ଯାଇଥିବାରୁ ପୋଲିସର ତତ୍ତ୍ୱାବଧାନରେ ଲକ୍ଷ୍ମୀ ପୂଜା ମେଲଣ ଅନୁଷ୍ଠିତ ହେବ। ଏଥିରେ ୧୧ଟି ମେଢ଼ ଭାଗ ନେବାକୁ ସମ୍ମତି ପ୍ରକାଶ କରିଛନ୍ତି। ବାଣ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗିଥିବାବେଳେ ଡିଜେ ଓ ଭାଇବ୍ରେଟର ଉପରେ ଅଙ୍କୁଶ ଲଗାଯାଇଛି। ରାତି ୧୦ଟା ସୁଦ୍ଧା ଭସାଣି ସାରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି।

## ଜିଲା କୃଷକ କ୍ଲବର ମାସିକ ବୈଠକ

ଅନୁଗୋଳ,୧୯।୧୦
(ଅମିତ କୁମାର ସାମଲ)

ଅନୁଗୋଳ କୃଷକ ବିଜ୍ଞାନ କେନ୍ଦ୍ରଠାରେ ଜିଲା କୃଷକ କ୍ଲବର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା କୃଷକ ମହାସଂଘ ସଭାପତି ଅରକ୍ଷିତ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନୁଗୋଳ ଉଠାଜଳସେଚନ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ କିଷାନ ଉପସ୍ଥିତ ରହି ଉଠା ଜଳସେଚନ ଦ୍ୱାରା କିପରି କୃଷକମାନେ ଉପକୃତ ହୋଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ବନ ବିଭାଗର ଏସିଏଫ କୃଷ୍ଣଚନ୍ଦ୍ର ସାହୁ ଉପସ୍ଥିତ ରହି ହାତୀ ଓ ବାର୍‌ହାମାନେ ଫସଲ କ୍ଷୟକ୍ଷତି କଲେ କିପରି କୃଷକମାନେ ତାହାର ମୂଲ୍ୟ ପାଇପାରିବେ ସେ ବିଷୟରେ ବୁଝାଇଥିଲେ। ଶେଷରେ ଶୀତକାଳୀନ ଫସଲ ଚାଷୀମାନେ କିପରି ଅଧିକ ଉତ୍ପାଦନ କରିପାରିବେ ସେ ବିଷୟରେ ଚାଷୀଙ୍କୁ ସୂଚନା ଦିଆଯାଇଥିଲା। ସଭାପତି ଅରକ୍ଷିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତାପ ଚନ୍ଦ୍ର ପ୍ରଧାନ, ଗିରିଶ ଚନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ସାହୁ, ପ୍ରଦୀପ କୁମାର ସାହୁ, ହେମନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଶୁଶୁବାରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ,୧୯।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତଠାରେ ଓଡ଼ିଶା ମୋ ପରିବାର ଓ ବିଜୁଜନତା ଦଳ ଆନୁକୂଲ୍ୟରେ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟା ରଶ୍ମିତା ବେହେରା, ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଯୁବ ସଭାପତି ଗଗନ ରାଉତ, କାର୍ଯ୍ୟକର୍ତ୍ତା ସଞ୍ଜୟ ମାଝି, ସୁବାସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ତାଳଚେର ଉପଖଣ୍ଡ ଚିକିତ୍ସାଳୟର କର୍ମଚାରୀ ଓ ଡାକ୍ତର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ବିଜେଡି କାର୍ଯ୍ୟକର୍ତ୍ତା କୃପାସିନ୍ଧୁ ସାହୁ, ଜିତେନ୍ଦ୍ର ବିଶ୍ୱାଳ, ଜୟନ୍ତ ପ୍ରଧାନ, ଝସକେତନ ପ୍ରଧାନ, ରାମଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

## ସାରଙ୍ଗଧର ଦାସ ଥିଲେ ଅନନ୍ୟ ପ୍ରତିଭା

ଢେଙ୍କାନାଳ,୧୯।୧୦
(ରତନ ନାୟାର)

ଢେଙ୍କାନାଳସ୍ଥିତ ଆମ ପ୍ରତିଭା ଆମ ସମ୍ମାନ ଓ ସାରଙ୍ଗଧର ସେବା ପରିଷଦ ମିଳିତ ଆନୁକୂଲ୍ୟରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ୧୩୬ତମ ଜୟନ୍ତୀ ଗୁରୁବାର ତାଙ୍କ ଜନ୍ମସ୍ଥାନ ହରେକୃଷ୍ଣପୁର ଗ୍ରାମଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ସାରଙ୍ଗଧର ସ୍ମୃତିପୀଠ ପାଠାଗାରଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ସାରଙ୍ଗଧର ସେବା ପରିଷଦ ସଭାପତି ଚିତ୍ତରଞ୍ଜନ ପୁହାଣ ଏଥିରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗ ଦେଇଥିଲେ। ସାରଙ୍ଗଧର ଦାସ କେବଳ ଗଡ଼ଜାତ ଗାନ୍ଧୀ ନୁହଁନ୍ତି, ସେ ସମଗ୍ର ଦେଶ ପାଇଁ ଏକ ଅନନ୍ୟ ପ୍ରତିଭା। ତାଙ୍କ ରଚିତ ପୁସ୍ତକ ଏବେବି ଭାରତବର୍ଷ ଓ ବିଦେଶର ବିଭିନ୍ନ ପାଠାଗାରରେ ପାଠକମାନଙ୍କ ରୁଚି ଆଦୃତ କରୁଛି ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ସାରଙ୍ଗଧର ଦାସଙ୍କ ଲେଖନୀ ଓ ରଚିତ ପୁସ୍ତକ ବିଭିନ୍ନ ସ୍କୁଲ କଲେଜରେ ପାଠ୍ୟକ୍ରମ ଭାବେ ଆଦୃତ ହୋଇପାରିଲେ ଆଗାମୀ ପିଢି ଏହି ପ୍ରତିଭା ସମ୍ପନ୍ନ ମହାପୁରୁଷଙ୍କ ବ୍ୟକ୍ତିତ୍ୱକୁ ଉପଲବ୍ଧି କରିପାରିବ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାରଙ୍ଗଧର ଦାସଙ୍କ ସହିତ ଅତି ନିବିଡ ଭାବେ ମିଶିଥିବା ଅନ୍ନଦା ଶଙ୍କର ପତି ଯୋଗଦେଇ ସାରଙ୍ଗଧର ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆମ ପ୍ରତିଭା ଆମ ସମ୍ମାନ କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇ, ନାରୀ ନେତ୍ରୀ ତିଳୋତ୍ତମା ଚୌଧୁରୀ, ସଚେତନ ନାଗରିକ ଫୋରମ ସମ୍ପାଦକ ଭରତ ଦାସ, ନାଗିଆପଶି ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, କାଇମାଟି ସରପଞ୍ଚ ଅମିତ ଜ୍ୟୋତି ସ୍ୱାଇଁ, ଗ୍ରାମ ସଭାପତି ଡାକ୍ତର ବିଶ୍ୱାଳ, ସାରଙ୍ଗଧର ଟ୍ରଷ୍ଟ ସମ୍ପାଦିକା ତଥା ରାଜସ୍ୱ ନିରୀକ୍ଷକ ମମତା ନାୟକ, ସ୍ଥାନୀୟ ସମିତି ସଭ୍ୟାଙ୍କ ପ୍ରତିନିଧି ସୁବାସ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ନାଗରିକ, ପୂର୍ବତନ ଶିକ୍ଷକ ଓ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱଜିତ୍ ନାୟକ, କୃତିବାସ ବିଶ୍ୱାଳ, ସନାତନ ବେହେରା, ପ୍ରକାଶ ବେହେରା, ଜଗନ୍ନାଥ ସ୍ୱାଇଁ, ଭୁବନ କିଶୋର ମହାରଣା, ଧର୍ମାନନ୍ଦ ପୃଷ୍ଟି, ସୁଜିତ୍ ରାଜ, ଜିତୁ ଖୁଣ୍ଟିଆ, ଜ୍ଞାନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସକାଳ ୭ ଘଟିକାରେ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ସ୍ଥାନୀୟ ବଳରାମ ମନ୍ଦିର ନିକଟ ସାରଙ୍ଗଧର ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେଠାରେ ରମେଶ ଚନ୍ଦ୍ର ସାହୁଙ୍କ ରଚିତ ପୁସ୍ତକ ‘ସତ୍ୟବାଦୀ’ ଉନ୍ମୋଚିତ ହୋଇଥିଲା।


ସାରଙ୍ଗଧର ଦାସଙ୍କ ୧୩୬ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ।

